# ବିନ୍ଧୁ

ତାଳ ବଣିଆର ଢେ଼ଙ୍ଗା ଢେ଼ଙ୍ଗା ତାଳ ଗଛଗୁଡ଼ାକ ଏବେ ବି ହାତଠାରି ଡ଼ାକିବା ପରି ଲାଗେ ଚିନ୍ମୟଙ୍କୁ । ଜୀବନର ପଚିଶଟି ବସନ୍ତର ଅନୁଭବ ତାଙ୍କଠାରେ ଆଜି ସମୁଦ୍ରର ଲହରୀ ଉଠିବା ପରି ଗୋଟାକ ପରେ ଗୋଟାଏ, ତାପରେ ଆଉ ଗୋଟାଏ, ସୃଷ୍ଟି ହୋଇ, ଅପାଶୋରା ଦିନ ଗୁଡ଼ାକର ରୋମାଞ୍ଚ ତଥା ବିଷାଦ ଆଣି ଦେଇଛି । ସେ ଯେ ଆଜି ଯେପରି ଏ ଅମୃତମୟ ସୃଜନୀର ଏକ ଅପାଙ୍‌କ୍ତେୟ ଜୀବ ହୋଇ ରହିଯାଇଛନ୍ତି । ମଣିଷର ଉଦ୍‌ବେଳିତ ମନ ବେଳେ ବେଳେ ଅଳସୀ ନଦୀ କୂଳ ଲଘିଂବା ପରି ସୀମା ସରହଦର ବାଡ଼ ମାନେନା । ଅନେକ ଏହାକୁ ହୁଏତ ବୟସର ଦୋଷ ବୋଲି ଅଙ୍ଗୀକାର କରିଥାନ୍ତି । ହେଲେ ମାନବୀୟ ବିବଶତା ଓ ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଚିନ୍ମୟ ଆଜି ଜୀବନର ପାଥେୟକୁ ଭୁଲି ଯାଇଛନ୍ତି । ସେ ଗୋଟାଏ ଆଲୋଡ଼ା, ଅପାଙ୍‌କ୍ତେୟ ଜୀବନ ନେଇ ବଞ୍ଚିବାର ଅଭିନୟ କରି ଚାଲିଛନ୍ତି, ଯେପରି ପୃଥିବୀ ଗୋଟାଏ ରଙ୍ଗମଞ୍ଚ ଏବଂ ସେ ମଞ୍ଚରେ ଚିନ୍ମୟ ଜଣେ ପ୍ରତ୍ୟାଖ୍ୟାତ, ମର୍ମାହତ ବିକ୍ଷୁବ୍ଧ ନାୟକ । ଦୂରଦର୍ଶନ ଏବଂ ଅନ୍ୟାନ୍ୟ ସଂବାଦ ପ୍ରଚାର ଓ ପ୍ରସାର ମାଧ୍ୟମମାନେ ଜନଚେତନାର ଉଦ୍ରେକ ପାଇଁ ବିଜ୍ଞାପନ ମାଧ୍ୟମରେ ଏଡ୍‌ସର ଭୟାବହତା ଏବଂ ରୋଗୀକୁ ଘୃଣା ନ କରି ରୋଗଟିକୁ ଘୃଣା କରିବାର ସଂଭାବନା ସୃଷ୍ଟି କରିଥିଲେ ମଧ୍ୟ ଏକ ଏଡ୍‌ସ ପ୍ରପୀଡ଼ିତ ବ୍ୟକ୍ତିକୁ ଏ ସମାଜ ଗ୍ରହଣ କରୁଛି କେତେକେ ? ଏ ରୋଗୀମାନଙ୍କର ଚରମ ପଦକ୍ଷେପ ବିଷୟରେ ସ୍ମରଣ କରି ଚିନ୍ମୟଙ୍କର ମନର ଆସ୍ତରଣ ଯେପରି ଅତି ପତଳା ହୋଇଯାଇଛି । ଯେଉଁ ଚିନ୍ମୟ ଦିନେ ଏ ସମ୍ଭ୍ରାନ୍ତ ସମାଜରେ ଗୋଟାଏ ସମ୍ଭାବନାପୂର୍ଣ୍ଣ ଅଧ୍ୟାପକ ଭାବରେ ସମସ୍ତ ଛାତ୍ର ସମାଜର ଆଦରଣୀୟ ଥିଲେ, ଆଜି ସେ ଗୋଟାଏ ଘୃଣ୍ୟ, ଅସ୍ପୃଶ୍ୟ, ଅସାମାଜିକ ପ୍ରାଣୀ ଭାବରେ ଉଭା ହୋଇଛନ୍ତି । ତଥାପି ତାଳ ବଣିଆର ସେଇ ନିସ୍ତବ୍ଧ କୋଠରୀର ଗୋଟାଏ ଖଟ ଉପରେ ଲୋଟିପଡ଼ି ସାରା ସଂସାରକୁ ତର୍ଜମା କରୁଥିଲେ ଚିନ୍ମୟ । ତାଙ୍କର ଦେହଧରି ଚାଲିବା ପାଇଁ ଆଉ ମନ ମାନୁ ନଥାଏ ଯେପରି । ସେ ଯେ ଜଣେ ଆଦର୍ଶବାଦୀ ଉଗ୍ର ସାମାଜିକ ଜୀବ ଯେହେତୁ ସେ ଜଣେ ଅଧ୍ୟାପକ । ଅନେକ ଆଦର୍ଶର ପ୍ରତିଭୂ ଏଇ

ଚିନ୍ମୟ ଆଜି ଅନୁଭବ କରିଛି ଯେ ସେ ରେଳ ଧାରଣା ଉପରେ ହାତଗୋଡ଼ ବନ୍ଧା ଗୋଟାଏ ଜୀବ । ଯିଏ ମୃତ୍ୟୁକୁ ଅତି ନିକଟକୁ ପ୍ରତି ମୁହୂର୍ତ୍ତରେ ସ୍ପଷ୍ଟ ଭାବରେ ନିରେଖି ପାରୁଛି । ସେ ଆଜି ଅନୁଭବ କରି ପାରୁଛି ଆତ୍ମହତ୍ୟା ହିଁ ତାର ଜୀବନର ଏକମାତ୍ର ଗ୍ରହଣୀୟ ପଥ ।

ଜୀବନର ଅଳସ ମଧ୍ୟାହ୍ନରେ ଯେତେବେଳେ ସାଧାରଣ ଆଇଁସକାତି ଫୁଲର ରଙ୍ଗବି ମନକୁ ଘେନି ପକାଏ ଯେତେବେଳେ ଦି'ପହରିଆ ଖରାର ତାତିରେ ପ୍ରେମିକାର ସାନ୍ନିଧରେ ଘଣ୍ଟା ଘଣ୍ଟା ବିତାଇଲେ ବି ସମୁଦ୍ରର ସୁଶୀତଳ ସମୀରଣର ପ୍ଲାବନ ପରିଲାଗେ, ଯେତେବେଳେ ସନ୍ଧ୍ୟାର ଘୂର୍ଣ୍ଣିବାତ୍ୟା ବି ଦେହରେ ଓ ମନରେ ରୋମାଞ୍ଚ ଆଣିଦିଏ, ସେତେବେଳେ ଚିନ୍ମୟ ମମତାକୁ ଅତି ନିକଟରେ ପାଇ ଭଲ ପାଇ ବସିଥିଲେ । ମମତା ଥିଲେ ତାଙ୍କ କଲେଜ ଜୀବନର ସଙ୍ଗିନୀ ଏବଂ ଏଇ କଲେଜର ଅଧ୍ୟାପିକା । ଦୁହେଁ ଅନେକ ସମୟରେ କ୍ଲାସ ସାରି ସମୁଦ୍ରକୂଳ ପାଖରେ ଠିଆ ହୋଇ ଝାଲମଟର ଖାଇବାର ସ୍ୱାଦ ଆଜିବି ଚିନ୍ମୟ ଅନୁଭବ କରନ୍ତି । ତାଙ୍କ ଆଲୋଚନାର ବିଷୟ ବସ୍ତୁ ହୋଇପାରେ ହାଣ୍ଡିଶାଳଠାରୁ ଢେଙ୍କାନାଳ ଯାଏ, ଅଥବା ପାଠପଢାରୁ ଅଧ୍ୟାପନା ଯାଏଁ, ଅଥବା ବଡ଼ ଦେଉଳରୁ ସିନେମାଘର ଯାଏ । ଝିଅମାନଙ୍କର ଭଲ ପାଇବା ବେଳେ ବେଳେ ପ୍ରଶ୍ନିଳ ଆତ୍ମକେନ୍ଦ୍ରୀୟ ବାତାବରଣ ଭିତରକୁ ପୁଅଟାକୁ ଟାଣି ନେଇଯାଏ । ସେ ପୁଅ ହୁଏତ ସମୁଦ୍ର ଲହରୀରେ ଉବୁଟୁବୁ ହେବା ପରି ସ୍ୱୀୟ ଆତ୍ମସତ୍ତା ହରାଇ ପାରେ ବା ପୋଖତ ପହଁରାଳୀପରି ଖେଳି ଖେଳି ନୀଳ ବିଚିମାଳାକୁ ଅତିକ୍ରମ କରି କୂଳ କିନାରା ଧରିପାରେ ନିଜର ଅହେତୁକ ଆଗ୍ରହ ଅନାଗ୍ରହ ମଧ୍ୟରେ । ମମତାଙ୍କର ଛୋଟ ଛୋଟ ଦୁଇ ଆଖିର ଭାଷାରେ ଯେ ବେଳେ ବେଳେ ଚିନ୍ମୟ ମୋହିତ ହୋଇ ନ ଯାନ୍ତି, ସେପରି ନୁହେଁ । ସେ ମମତାଙ୍କର ବର୍ତ୍ତୁଳ ଓଷ୍ଠ ନିସୃତ ଉପମାନ ମାନଙ୍କୁ ଗ୍ରୀଷ୍ମଋତୁରେ ପଇଡ଼ ପାଣିର ସ୍ୱାଦ ଆସ୍ୱାଦନ କରିବା ପରି, ପିଇଯାଆନ୍ତି । ମମିଙ୍କୁ ନେଇ ଅନେକ ରଙ୍ଗୀନ୍ ସ୍ୱପ୍ନ ଦେଖିବାରେ ବିଭୋର ହୋଇପଡ଼ନ୍ତି ।

ନୀଳ ସାଗରର ଘନ ଜଳରାଶି ଯେଉଁଠି ଦୂରଦିଗ୍‌ବଳୟକୁ ଚୁମ୍ବନ ଦିଏ, ସେଇ ଦୂର ଦିଗ୍‌ବଳୟକୁ ଚାହିଁ ରହି ଦୁଇ ପ୍ରେମୀଯୁଗଳ ଅନେକ ସମୟ ଧରି ଅନୁଚାରିତ ସମ୍ବୋଧନ ମଧ୍ୟରେ ଅବଜ୍ଞାତ ହୋଇ ରହିଯାଆନ୍ତି । ଘନ ସାଗରର ନୀଳିମା ଓ ଉଚ୍ଛଳ ଜଳରାଶିରେ ସାଗରର ନୀଳିମା ମିଶିଯିବା ପରି ଦୁହେଁ ଯେପରି ମାନସିକ ସ୍ତରରେ ମିଶି ଯାଇଛନ୍ତି । ଯେପରି ସୂର୍ଯ୍ୟ ଉଇଁଲେ ପ୍ରଭାତୀ ତାରା ଗଗନରେ ମିଶିଯାଏ ଯେପରି

ଜୀବାତ୍ମା ପରମାତ୍ମା ସହିତ ମିଶିଯାଏ, ସେପରି ଦୁହେଁ ଦୁହିଁଙ୍କର ଭିତରେ ଲୀନ ହେବାର ସ୍ୱପ୍ନରେ ବିଭୋର ହୋଇଉଠନ୍ତି । ଯେପରି ଚିନ୍ମୟଙ୍କୁ ଛାଡ଼ି ଅନ୍ୟ କୌଣସି ସ୍ତାବକଙ୍କୁନେଇ ମମତା ଜୀବନର ନକ୍ସା ରଚନା କରିପାରିବ ନାହିଁ । ଅନ୍ୟ ପକ୍ଷରେ ମମତା ମଧ୍ୟ ବେଳେ ବେଳେ ଚିନ୍ମୟଙ୍କର ସାନ୍ନିଧ୍ୟ ପାଇବା ପାଇଁ ଐକାନ୍ତିକ ପରିକଳ୍ପନା ମଧ୍ୟରେ ଲୀନ ହୋଇଯାନ୍ତି ।

ମମତାଙ୍କର ଅନ୍ୟମନସ୍କତାର ସୁଯୋଗ ନେଇ ତାଙ୍କର ରକ୍ଷଣଶୀଳ ପିତା ରାଜ୍ୟ ସେବାର ଜଣେ ବରିଷ୍ଠ ଅଫିସରଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ କରିବାର ପ୍ରୟାସ କରିବସନ୍ତି । ତାଙ୍କୁ ଚିନ୍ମୟଙ୍କ ସହିତ ମିଶିବାର ସୁଯୋଗ ବୋଧହୁଏ ତାଙ୍କ ପିତା ଦେଇପାରିନଥିଲେ । ମମତାଙ୍କୁ ଭାବିବାର ଅନ୍ୟ ସୁଯୋଗ ନ ଦେଇ ତାଙ୍କର ବିବାହ, ଚିନ୍ମୟଙ୍କର ଅଜଣା ଓ ଅନୁପସ୍ଥିତରେ ସମ୍ପନ୍ନ ହୋଇଯାଏ ଏବଂ ସେ ପତି ଅନୁଗାମିନୀ ହୋଇଯାଇଥାନ୍ତି । ଏହିଠାରେ ହିଁ ଦୁଇଟି ପ୍ରେମମୟ ଜୀବନ ଯାପନ ଶୈଳୀର ଯବନିକା ଟଣାଯାଇପାରେ ।

ମାର୍ମିକ ଉତ୍ପୀଡ଼ନ ସର୍ବଦା ପୁରୁଷକୁ ଅଧିକ ମାତ୍ରାରେ ଆତ୍ମଗ୍ଳାନିରେ ବୁଡ଼ାଇ ରଖିଥାଏ । ଗୋଟାଏ ମହମ ପିଣ୍ଡୁଳାକୁ ଯେପରି ଯେ କୌଣସି ବସ୍ତୁର ଆକାର ଦିଆଯାଇପାରେ । ସମୟ ଓ ସୁଯୋଗକୁ ନେଇ ପରିସ୍ଥିତିକୁ ସୁହାଇଲା ପରି, ନାରୀ ସୁଯୋଗକୁ ହାତଛଡ଼ା ନ କରି ପରିସ୍ଥିତିକୁ ଆପଣେଇ ନେଇଯାଇପାରେ । ହେଲେ ପୁରୁଷର ଦୃଢ଼ ମାନସିକ ସ୍ଥିତି ହିଁ ତାକୁ ବିଡ଼ମ୍ବନାର ରାସ୍ତା ଦେଖାଇ ଦେଇଥାଏ । ମମତାଙ୍କର ବିଚ୍ଛେଦର ରେଖା ଏପରି ଏକ କ୍ଷତର ସୃଷ୍ଟି କରିଥିଲା ଚିନ୍ମୟଙ୍କର ହୃଦୟରେ, ଯାହା କଳ୍ପନାତୀତ । ସେ ସୁବିସ୍ତୃତ ସମୁଦ୍ରର ନୀଳିମାକୁ, ତାର ଗଭୀରତାକୁ, ତାର ବ୍ୟାପ୍ତିକୁ ନ ଦେଖି, ଜଳର ଲବଣାକ୍ତ ଗୁଣ ବିଷୟରେ ଅଧିକ ଚିନ୍ତାମଗ୍ନ ହୋଇ ପଡ଼ିଲେ ଯେପରି । ସ୍ୱୀୟ ଜୀବନଟା ତାଙ୍କୁ ଗୋଟାଏ ବିନ୍ଦୁପରି ପ୍ରତୀୟମାନ ହେଲା, ଯାହାର କେବଳ ସ୍ଥିତି ଅଛି ମାତ୍ର ବିସ୍ତୃତି ନାହିଁ । ଏହାପରେ ପ୍ରତ୍ୟେକ ସନ୍ଧ୍ୟା ଚିନ୍ମୟଙ୍କ ପାଇଁ ହୋଇ ଉଠେ ପିଆଲାର ମଧୁଝଙ୍କାରରେ ଝଙ୍କାରିତ ଏକ ସୁରଭିତ ସନ୍ଧ୍ୟା । ପ୍ରତ୍ୟେକ ସନ୍ଧ୍ୟା ପର ରାତ୍ରି, ସମୁଦ୍ରର ନିର୍ଜନ ବେଳାଭୂମିର ଯେ କୌଣସି ଏ ଭୁର୍ଜପତ୍ରର କୁଟୀର ହୋଇଉଠେ ବାସର ଫୁଲଶେଯ । ବସ୍ତୁତିର ପ୍ରତିଟିକ୍ଷଣ ଯେପରି ମମତାପରି ଏକ ଦୁଷ୍ଟକୀଟର ସଂଘାତରେ ଦ୍ରଷ୍ଟ ନ ହୁଏ ଏବଂ ତାର ସାମାନ୍ୟ କଳ୍ପନା ଯେପରି ଚିନ୍ମୟଙ୍କର ସ୍ମୃତି ପଟରେ ଆଙ୍କି ହୋଇ ନଯାଏ, ତାହାହିଁ ହୁଏ ତାଙ୍କର ଗତାନୁଗତିକ ଜୀବନ

ଯାପନର ପାଥେୟ । ଚିର ଆଲୋକରେ ରୋମାଂଚିତ ଛାୟାପଥ ଯେପରି ହୋଇଉଠିଛି ଗୋଟାଏ ନିଷ୍ପ୍ରଭିତ ତାରକାଶୂନ୍ୟ ମରୁସ୍ଥଳ । ଯେଉଁଠାରେ ଶୂନ୍ୟତା ହିଁ ଶୂନ୍ୟତା ବସାବାନ୍ଧି ରହିଯାଇଛି । ଜୀବନର ମାନେ ଯେଉଁଠାରେ ହୋଇଉଠେ ଗୋଟାଏ ଗୋଟାଏ ଦୀର୍ଘତର ପ୍ରଶ୍ନବାଚୀ ।

ଦିନେ ଚିନ୍ମୟ ପଚାରିଥିଲେ ମମତାଙ୍କୁ, ଅନନ୍ତ ନୀଳିମାର ଗନ୍ତାଘର ସାଗରର ହୃଦୟ ଯେପରି ସୁଗଭୀର ଓ ପ୍ରଶସ୍ତ ପରାତ୍ପର ପରମେଶ୍ୱରଙ୍କ ସୃଷ୍ଟି ଏଇ ସୁନ୍ଦର ପୃଥିବୀ ଯେପରି ଅପରିମେୟ, ସୁଦୀପ୍ତ ଓ ଗରିମାମୟ, ସେ ମଣିଷକୁ ସୃଷ୍ଟି କରିବାବେଳେ ସେ କେଉଁ ଜାତିର ମାନ୍ୟତା ନେଇ ଏ ଧରା ତଳେ ଜନ୍ମିତ,ତାର ଉପକ୍ରମଣିକା ବୋଧହୁଏ ତାକୁଦେଇ ନଥିବେ । ହେଲେ ଏ ସମାଜର କଳଙ୍କିତ ପର୍ଯ୍ୟାୟ ଭିତରେ ମଣିଷ ଯେପରି ଅଣନିଶ୍ୱାସୀ ହୋଇଉଠୁଛି । ଆମର ବିବାହ ପ୍ରସ୍ତାବ ଯେପରି ତୁମର ବାପାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲା ତାହା ଏହି ଅନୁଦାରିତ ସମାଜର ଉଦାମ ଭାବନାର ପରିପନ୍ଥୀ ନୁହେଁ କି ? ହୁଏତ ଦୁଇଟି ସୁଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିତ୍ୱ ଭାବରେ ଆମେ କୋର୍ଟ ମ୍ୟାରେଜ୍ କରିପାରିଥାନ୍ତେ, ମାତ୍ର ଏପରି କାହିଁକି ?

ମମତା ସେତେବେଳେ ଚିନ୍ମୟଙ୍କର ଉକ୍ତିର ପ୍ରତ୍ୟୁତ୍ତର ଦେଇ କହିଥିଲେ ଚିନ୍ମୟ । ସମୟ ଏକ ଧାବମାନ ଅଶ୍ୱ, ଯାହାର ଗତି ଅପ୍ରତିହତ । ସେ ହିଁ ପ୍ରତ୍ୟେକ ବସ୍ତୁର ଉଚିତ୍ ମୂଲ୍ୟାୟନ କରି ବସେ । ତେବେ ଆମେ ଆମ ଜୀବନର କେତେକ ସମୟ ଏହି ନୀଳ ସାଗରର ବିଚି ମଥାନରେ ଦୃଷ୍ଟି ଦେଇ କଟାଇପାରିଲେ, ଜୀବନର ଗତି କ'ଣ ଧିମେଇ ଯିବ । ତାଛଡ଼ା ବିବାହ କ'ଣ ଗୋଟିଏ ସାମାଜିକ ସ୍ଥିତି ପାଇଁ ଏକାନ୍ତ ଜରୁରୀ । ଏ ସବୁର ବ୍ୟତିକ୍ରମରେ ବି ମନୁଷ୍ୟ ଗତି କରିପାରିବ । ଚାଲ ବିବାହ ବିନା ମଧ୍ୟ ଆମେ ଦୁହେଁ ଅୟୁତ ସୂର୍ଯ୍ୟର ପରିକଳ୍ପନା କରି ପାରିବା ।

ଚିନ୍ମୟ ମମତାଙ୍କର ନରମ ଗରମ ପାପୁଲିରେ ନିଜର ହାତଟାକୁ ରଖି ତାଙ୍କ ହୃଦୟର ପ୍ରତିଟି ସ୍ପନ୍ଦନକୁ ଅନୁଭବ କରୁଥିଲେ ଯେପରି । ସେ କହିଥିଲେ ମମତା ତୁମକୁ ମୁଁ ଜୀବନ ଦେଇ ଭଲପାଏ । ତୁମ ବିନା ମୋର ବଞ୍ଚିବାର ପାଥେୟ ଅଭାବନୀୟ, ମୃତ୍ୟୁ ବ୍ୟତୀତ । ତେଣୁ ମୋ ବ୍ୟତିରେକ ଅନ୍ୟ ସଂସାରରେ ପରିକଳ୍ପନା ଅନ୍ତତଃ ତୁମ ମନରେ ନଆସିବା ଉଚିତ୍, ମୋ ପରି ଏକ ଅସାମାଜିକ ପ୍ରାଣୀର ସ୍ଥାୟିତ୍ୱ ପାଇଁ ।

ତା' ପରେ ଭାବନା ରାଜ୍ୟରୁ ନିଜକୁ ଫେରାଇ ଆଣନ୍ତି ଚିନ୍ମୟ । ସେ ଯେ ଏଡ୍‌ସ ଭୂତାଣୁ ସଂକ୍ରମିତ ହୋଇ ଏକ ଭୟାନକ ରୋଗର ଶିକାର ହୋଇଯାଇଛନ୍ତି । ତାଙ୍କର

ଜୀବନର ପ୍ରତ୍ୟେକ ତନ୍ତ୍ରୀ ହୋଇଉଠେ ସ୍ପନ୍ଦନହୀନ। ଅବଶ୍ୟ ଅଧିକ କେତେକ କ୍ଷଣ ବଞ୍ଚିବାର ଅଭିପ୍ସା ଜାଗି ଉଠିଛି ତାଙ୍କ ମନରେ । ସେ ନିଜକୁ ନିଜେ ପ୍ରଶ୍ନ କରି ଉଠନ୍ତି କ'ଣ ? ତାଙ୍କର ଆଜିର ପରିସମାପ୍ତି ପାଇଁ ଏକ ସାଧାରଣ ନାରୀର ଭୂମିକା ଅଭିସଂପାଦିତ ନୁହେଁ କି ? ନା ଏ ପରମ୍ପରାବାଦୀ ସମାଜର ନିୟାମକ ମାନଙ୍କର ବିଚାରଧାରା ଏଥିନିମନ୍ତେ ଦାୟୀ ।

ତା' ପରେ ଆଉ ଦିନେ ଏକ ପ୍ରଗଳ୍‌ଭ ବିଳମ୍ବିତ ସନ୍ଧ୍ୟାରେ ଗୋଟିଏ ପ୍ରାଣହୀନ ନିଷ୍ପନ୍ଦ ଶରୀରକୁ ବେଳାଭୂମିରେ ନିକ୍ଷେପ କରେ ଗର୍ବିତ ସମୁଦ୍ରର ଉନ୍ନତ ଲହରୀ ପୁଞ୍ଜ ଏବଂ ଏଇଠାରେ ଏକ ଅନୂଢ଼ ସ୍ପର୍ଶକାତର ଜୀବନର ପରିସମାପ୍ତି ଘଟେ । ଯାହାପାଇଁ ନା ଏ ସମାଜର କୌଣସି ବକ୍ତବ୍ୟର ପରିଭାଷା ଅଛି ନା ଚିହ୍ନା ଲୋକମାନଙ୍କର ହୃଦୟରେ ଚିହ୍ନିବାର ସଦିଚ୍ଛା ଅଛି । ହୁଏତ ବାଟଭାଙ୍ଗି ଅନେକ ନୂତନ ପ୍ରେମୀ ଯୁଗଳଙ୍କର ପଦଚିହ୍ନକୁ ଏଇ ଅହଂକାରୀ ସମୁଦ୍ରଟା ପ୍ରତିଟି କ୍ଷଣରେ ନିଶ୍ଚିହ୍ନ କରି ଦେବାରେ ଲାଗିଛି, ଯେପରି ଚିନ୍ମୟ ଆଉ ମମତାଙ୍କର ଆଉଦିନେ ମଧ୍ୟ ସେଠାରେ ପାଦଚିହ୍ନ ପଡ଼ିଥିଲା ଆଉ ଏଇ ଗର୍ବିତ ସମୁଦ୍ର ତାକୁ ଲିଭାଇ ଦେବାର ପ୍ରଚେଷ୍ଟାରେ ମଗ୍ନ ଥିଲା ।

***